## ଗଞ୍ଜାମ ଜିଲା: ୧୫୦ଜଣ ଡେଙ୍ଗୁରେ ଆକ୍ରାନ୍ତ ହେଲେଣି

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ଗଞ୍ଜାମ ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଗୁରୁବାର ସୁଦ୍ଧା ଜିଲାରେ ୧୫୦ ଜଣ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଯାହାକି, ସ୍ୱାସ୍ଥ୍ୟ ବିଭାଗ ପାଇଁ ଏବେ ଚିନ୍ତାର କାରଣ ହୋଇଛି। ବୁଧବାର ସୁଦ୍ଧା ଡେଙ୍ଗୁ ପଜିଟିଭ୍ ସଂଖ୍ୟା ୧୪୯ ରହିଥିବା ବେଳେ ଗୁରୁବାର କୁକୁଡ଼ାଖଣ୍ଡି ଅଞ୍ଚଳରୁ ଜଣେ ରୋଗୀ ଚିହ୍ନଟ ହୋଇଛନ୍ତି।

### ସଂକ୍ଷେପରେ

## ପୋଖରୀରେ ବୁଡ଼ି ନାବାଳକ ମୃତ

ବ୍ରହ୍ମପୁର,୨୬।୧୦(ସୁବାସ ପାଢ଼ୀ)

ଟାଉନ ଥାନା ଅନ୍ତର୍ଗତ ବିଜିପୁର ପୋଖରୀରେ ବୁଡ଼ି ଗୁରୁବାର ରାତି ପ୍ରାୟ ୮ଟାରେ ଜଣେ ୭ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଜିପୁର ବଡ଼ସାହିର ଏସ. ପାପ ରାଓଙ୍କ ପୁଅ ଏସ. ରୋହିତ କୁମାର। ରୋହିତ ଖେଳୁଥିବା ବେଳେ ପୋଖରୀରେ ପଡ଼ିଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲକୁ ପଠାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଟାଉନ୍ ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହକୁ ବଡ଼ଡାକ୍ତରଖାନାର ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ। ପ୍ରାଥମିକ ତଦନ୍ତରୁ ନାବଳକଙ୍କୁ କେହି ପୋଖରୀକୁ ଠେଲି ଦେଇଥିବା ପୋଲିସ ସନ୍ଦେହ କରୁଛି।

## ନାବାଳିକାଙ୍କୁ ଅସଦାଚରଣ, ଜଣେ ଗିରଫ

ବ୍ରହ୍ମପୁର,୨୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ନାବାଳିକାଙ୍କୁ ଅସଦାଚାରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗୋଷାଣି ନୂଆଗାଁ ଡାମଣାସାହିର ଶଙ୍କର୍ଷଣ ସାହୁ ଓରଫ ଉଲା। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ଡ. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୧୭ ବର୍ଷର ନାବାଳିକାଙ୍କୁ ଉଲା ଓ ତାଙ୍କ ଡ୍ରାଇଭର ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଦେଉଥିଲେ। ଗତ ୬ ମାସ ହେଲା ନାବାଳିକାଙ୍କୁ ସେ ରାସ୍ତାରେ ଅଶ୍ଳୀଳ ଇଙ୍ଗିତ କରିବା ସହ ଅସଦାଚାରଣ କରୁଥିଲେ। ଏନେଇ ନବାଳିକା ଜଣଙ୍କ ତାଙ୍କ ମା'ଙ୍କୁ ଜଣାଇଥିଲେ। ମା' ଗତ ୨୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୩୨୬/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ବୁଧବାର ଅଭିଯୁକ୍ତ ଶଙ୍କର୍ଷଣଙ୍କୁ ଗିରଫ କରାଯାଇଥିଲା।

# ପରମ୍ପରା ନାଁରେ ଚାଲିଛି ଜୁଆଖେଳ

### ସୂଚନା ଦେବାକୁ ପୋଲିସର ଅନୁରୋଧ

ବ୍ରହ୍ମପୁର,୨୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଦୁଇ ଦିନ ପରେ କୁମାର ପୂର୍ଣ୍ଣମୀ। କୁମାର ପୂର୍ଣ୍ଣମୀରେ ପରମ୍ପରା ନାଁରେ ଗଞ୍ଜାମ ଜିଲାର ଅଧିକାଂଶ ଘରେ ଜୁଆଖେଳ ହୋଇଥାଏ। କିନ୍ତୁ ଏବେ ପରମ୍ପରା ଆଳରେ ବିଭିନ୍ନ ଲୋକଙ୍କ ପାଇଁ ଅର୍ଥ ଉପାର୍ଜନର ମାଧ୍ୟମ ପାଲଟିଛି ଜୁଆଖେଳ। ସହର ତଥା ଆଖପାଖ ଅଞ୍ଚଳରେ ଜୁଆଡ଼ିମାନେ ଲୁଚାଛପା ଜୁଆଖେଳରେ ମାତିଛନ୍ତି। ସେଠାରେ ପୁଳାପୁଳା ଟଙ୍କା ଉଡ଼ାଉଛନ୍ତି। କିଏ ଜୁଆ ଖେଳି ମାଲାମାଲ୍ ହେଉଛି ତ ଆଉ କିଏ ଅର୍ଥ ହରାଉଛି। ଏଭଳି ଜୁଆଖେଳ ଯୋଗୁଁ ଅପରାଧ ଘଟଣା ମଧ୍ୟ ନଜରକୁ ଆସୁଛି। ତେଣୁ ବ୍ରହ୍ମପୁର ପୋଲିସ ଜୁଆଖେଳ ଉପରେ ତୀକ୍ଷ୍ଣ ନଜର ରଖିଛି। ଏପରିକି କେହି ଜୁଆଖେଳ ସମ୍ପର୍କରେ ସୂଚନା ପାଇଲେ ଖବର ଦେବା ପାଇଁ ପୋଲିସ ତରଫରୁ ଅନୁରୋଧ କରାଯାଇଛି।

ପାର୍ବଣ ଆରମ୍ଭରୁ ଲଚାଛପାରେ ଜୁଆଖେଳ ହୋଇଥାଏ। ବର୍ତ୍ତମାନ ବ୍ରହ୍ମପୁର ସହରର ପ୍ରତ୍ୟେକ ଥାନା ଅଞ୍ଚଳରେ ଜୁଆଖେଳ ଚାଲିଛି। ବନ୍ଧହୁଡ଼ା, ପଡ଼ିଆ, ଗଛମୂଳେ ଏପରକି ବଡ ହୋଟେଲଗୁଡିକରେ ମଧ୍ୟ ଚାଲିଛି ଜୁଆ ଖେଳ। କେତେଜଣ ପେସାଦାର ଖେଳାଳି ଓ ଅସାମାଜିକ ନିଜ ଘରେ ମଧ୍ୟ ଜୁଆଖେଳ ଚଳାଉଥିବା ଶୁଣାଯାଉଛି। ପୂର୍ବରୁ କରୋନା ସମୟରେ ରୋଜଗାର ହରାଇ କିଛି ଲୋକ ଟଙ୍କା ଉପାର୍ଜନ ପାଇଁ ଜୁଆ ଖେଳୁଥିବା ବେଳେ ଆଉ କେତେଜଣ ଅଭ୍ୟାସଗତ ଭାବେ ଏହାକୁ ଛାଡ଼ିପାରୁ ନ ଥିବା ଦେଖିବାକୁ ମିଳୁଛି। ଜୁଆଖେଳ ଉପରେ ଚଢ଼ାଉ ଜାରି ରଖିବା ପାଇଁ ଏସପି ଡ ସର୍ବଣା ବିବେକ ଏମ୍. ବ୍ରହ୍ମପୁର ପୋଲିସ ଜିଲାର ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ନିର୍ମାଣ ଶ୍ରମିକଙ୍କ ସମସ୍ୟା ନେଇ ଦାବିପତ୍ର



ବ୍ରହ୍ମପୁର ଯୁଗ୍ମ ଶ୍ରମ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବ୍ରହ୍ମପୁର,୨୬।୧୦(ସ୍ମୃତି ରଞ୍ଜନ ମହାଲିକ)

ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନ ଗଞ୍ଜାମ ଜିଲା କମିଟି ପକ୍ଷରୁ ଗୁରୁବାର କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କ ସମସ୍ୟାର ସମାଧାନ ନିମନ୍ତେ ୧୫ ଦଫା ସମ୍ବଳିତ ଦାବିପତ୍ର ବ୍ରହ୍ମପୁର ଯୁଗ୍ମ ଶ୍ରମ କମିଶନର ସୁମିତ୍ରା ମାଝିଙ୍କୁ ପ୍ରଦାନ କରାଯାଇଛି। ଦୁର୍ବଳ ୱେବସାଇଟ ବଦଳରେ ପୂର୍ଣ୍ଣ କ୍ଷମତା ସମ୍ପନ୍ନ ୱେବସାଇଟ ସ୍ଥାପନ କରି ନିର୍ମାଣ ଶ୍ରମିକଙ୍କୁ ଠିକ ସେବା ଯୋଗାଇବା, ଜିଲାର ଏମଜିଏନ୍‌ଆର୍‌ଇଜିଏସ୍ ଓ କୋଠାବାଡି ଏବଂ ନିର୍ମାଣ ଶ୍ରମିକଙ୍କୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପଞ୍ଜୀକରଣ କରି ପରିଚୟ ପ୍ରଦାନ ଓ ସାମାଜିକ ସୁରକ୍ଷା, ପ୍ରତି ବ୍ଲକରେ ସହକାରୀ ଶ୍ରମ ଅଧିକାରୀ ଓ କର୍ମଚାରୀ ନିଯୁକ୍ତି, ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ନିର୍ମାଣ ଶ୍ରମିକଙ୍କୁ ସହାୟତା, ମୃତ୍ୟୁକାଳୀନ ସହାୟତା ରାଶି ୬୦ଦିନ ମଧ୍ୟରେ ପ୍ରଦାନ, ୯୦ଦିନ ମଧ୍ୟରେ ବିବାହ ସହାୟତା ରାଶି, ଶ୍ରମିକଙ୍କ ପୁଅ ଓ ଝିଅଙ୍କୁ ୬ଷ୍ଠରୁ ୧୦ମ ଶ୍ରେଣୀ ଶିକ୍ଷା ସହାୟତା ପାଇଁ ଆବେଦନ ପ୍ରକ୍ରିୟା ଅନଲାଇନରେ ଉପଲବ୍ଧ କରିବା, କଲେଜ ଗୁଡିରେ ଯୁକ୍ତ ୨ ଓ ଉଚ୍ଚ ଶିକ୍ଷା ଆବେଦନରେ ସହାୟତା ନେଇ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ, ଆସିକା ବ୍ଲକର ଜଣେ ମହିଳା ନିର୍ମାଣ ଶ୍ରମିକଙ୍କୁ ତୁରନ୍ତ ବିବାହ ସହାୟତା ଓ ବ୍ରହ୍ମପୁରରେ କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପାଣ୍ଠିରେ ନିର୍ମାଣ ହୋଇଥିବା ବିଶ୍ରାମଗୃହକୁ ନିର୍ମାଣ ଓ ଦାଦନ ଶ୍ରମିକଙ୍କୁ ରାତ୍ରକାଳୀନ ଆଶ୍ରୟସ୍ଥଳୀ ପାଇଁ ଦେବାକୁ ଦାବି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ଜିଲା ସଭାପତି ପେଦିନୀ ପାର୍ବତୀ, ସଂପାଦକ ରାମଚନ୍ଦ୍ର ବାଡତ୍ୟା, ଉପସଭାପତି ଟୁନା ମଲିକଙ୍କ ସମେତ ଶିବରାମ ବେହେରା, ନମିତା ନାୟକ, ଶାନ୍ତି ନାୟକଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଏସିଆନ ମାଷ୍ଟର୍ସ ଗେମ୍ସରେ ବ୍ରହ୍ମପୁରରୁ ୨ ପ୍ରତିଯୋଗୀ

ବ୍ରହ୍ମପୁର,୨୬।୧୦(ତନୁଶ୍ରୀ ନାହାକ)

ନଭେମ୍ବର ୮ରୁ ଫିଲିପାଇନ୍ସଠାରେ ଆରମ୍ଭ ହେବାକୁ ଯାଉଥିବା ଏସିଆନ ଗେମ୍ସ ନିମନ୍ତେ ଓଡ଼ିଶାରୁ ୭ ପ୍ରତିଯୋଗୀ ଉଚ୍ଚଡ଼ିଆଁ, ଲମ୍ଫ ଡ଼ିଆଁ, ଦୌଡ଼, ବାଧାଦୌଡ଼ ଆଦି ବିଭାଗରେ ଅଂଶ ଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ବ୍ରହ୍ମପୁରର ୨ ଜଣ ପ୍ରତିଯୋଗୀ ସେନା ବାହିନୀର ଅବସରପ୍ରାପ୍ତ ହାବିଲଦାର ସୀମାଞ୍ଚଳ ବାରିକ ଓ ଓଡ଼ିଶା ପୋଲିସରେ କାର୍ଯ୍ୟରତ ଗୋପାଳ ପଣ୍ଡା ଅଛନ୍ତି। ସୀମାଞ୍ଚଳ ଗତ ଜାନୁୟାରୀରେ କୋଲକତାଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ମାଷ୍ଟର କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ କାଂସ୍ୟ ପଦକ ପାଇଥିଲେ। ଚଳିତଥର ଏସିଆନ ଗେମ୍ସରେ ସେ ୨୦୦ ମିଟର/୪୦୦ ମିଟର ଦୌଡ଼ ଓ ୪୦୦ ମିଟର ବାଧା ଦୌଡ଼ରେ ଅଂଶ ଗ୍ରହଣ କରିଛନ୍ତି। ସେହିପରି ମାଷ୍ଟର କ୍ରୀଡ଼ାବିତ ଗୋପାଳ ୮୦୦ ମିଟର ଦୌଡ଼ରେ ଭାଗ ନେଇଛନ୍ତି। ଏହି ୨ ଜଣଙ୍କ ସହ ଗଜପତି, କଟକ, ବାଲେଶ୍ୱର ଓ ଭୁବେନଶ୍ୱରର ଅନ୍ୟ କ୍ରୀଡ଼ାବିତମାନେ ଆସନ୍ତା ୫ ତାରିଖରେ କୋଲକତା ବିମାନ ବନ୍ଦର ଯାଇ ସେଠାରୁ ଫିଲିପାଇନ୍ସ ଅଭିମୁଖେ ଯାତ୍ରା କରିବେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ମନୋଜ



@ ରଞ୍ଜନ



@ ସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଲେଖିକା ବୃନ୍ଦ।

ବ୍ରହ୍ମପୁର,୨୬।୧୦(ସ୍ମୃତି ରଞ୍ଜନ ମହାଲିକ)

ମହେନ୍ଦ୍ର କଳା ସାହିତ୍ୟ ସଂସଦ ପକ୍ଷରୁ ଗୁରୁବାର ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୪୭ତମ ଜୟନ୍ତୀ ନୂଆ ବସଷ୍ଟାଣ୍ଡସ୍ଥିତ ଲିଙ୍ଗରାଜ ନଗରଠାରେ ପାଳିତ ହୋଇଯାଇଛି। ଏଥିରେ ସଂସଦର ସଂପାଦିକା ଜ୍ୟୋସ୍ନାରାଣୀ ପଣ୍ଡା ସଭାପତିତ୍ୱ କରିଥିଲେ। ଲେଖିକା ପ୍ରମିତା ପଣ୍ଡା, ଆର ସୁନନ୍ଦା ଚୌଧୁରୀ, ଡ ଚିତ୍ତ ରଞ୍ଜନ ପଣ୍ଡା, ସୁଶାନ୍ତ କର, ଆଂଶିକ ପ୍ରିୟଦର୍ଶିନୀ ପଣ୍ଡା, ଏସ୍ ଲକ୍ଷ୍ମୀ ଦୋରା ଓ ମମତା ଗୌଡ ପ୍ରମୁଖ ଯୋଗ ଦେଇ ଗୋଦାବରୀଶ ମିଶ୍ରଙ୍କ ଜୀବନାବଳୀ ଓ କାବ୍ୟ କବିତା ସଂପର୍କରେ ଆଲୋଚନା କରିଥିଲେ। ଶେଷରେ ଶିକ୍ଷାବିତ କହ୍ନେଇ ପଣ୍ଡା ଧନ୍ୟବାଦ ଦେଇଥିଲେ।

## କୋର୍ଟରେ ବୟାନ ବଦଳାଇଲେ ସରକାରୀ ସାକ୍ଷୀ

### ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ଡେପୁଟେଶନ

ବ୍ରହ୍ମପୁର,୨୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଭିଜିଲାନ୍ସ ମାମଲାରେ ସରକାରୀ ସାକ୍ଷୀ ହୋଇ ବୟାନ ବଦଳାଇବା ଜଣେ କର୍ମଚାରୀଙ୍କୁ ମହଙ୍ଗା ପଡ଼ିଛି। ଭିଜିଲାନ୍ସ ଏସ୍‌ପିଙ୍କ ସୁପାରିସ୍‌କ୍ରମେ ସିଟି ହସ୍ପିଟାଲ ହେଲଥ ସୁପରଭାଇଜର୍ ମନୋଜ କୁମାର ପାଢ଼ୀଙ୍କୁ ବଦଳି ନିର୍ଦ୍ଦେଶ ଦିଆଯାଇଥିବା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ପିପି ସୁରେନ୍ଦ୍ର ପଣ୍ଡା କହିଛନ୍ତି।

୨୦୧୬ ନଭେମ୍ବର ୯ରେ ଭିଜିଲାନ୍ସ ଟିମ୍ ଦାରିଙ୍ଗବାଡ଼ି ତହସିଲ ଗଦାପୁର ଆର୍‌ଆଇ ଶଙ୍କର ପ୍ରସାଦ ମେହେରଙ୍କୁ ଲାଞ୍ଚ ନେବା ବେଳେ ଗିରଫ କରିଥିଲା। ସେ ସମୟରେ ସରକାରୀ ସାକ୍ଷୀ ଭାବେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମନୋଜ ଉପସ୍ଥିତ ଥିଲେ। ମାମଲାର ବିଚାର ବେଳେ ୨୦୧୯ ମେ ୨୩ତାରିଖରେ ସେ ଫୁଲବାଣୀ ଭିଜିଲାନ୍ସ କୋର୍ଟରେ ତାଙ୍କ ବୟାନ ଦେଇଥିଲେ। ହେଲେ ସରକାରୀ ସାକ୍ଷୀ ଭାବେ ସେ ତାଙ୍କର ପୂର୍ବ ବୟାନକୁ ବଦଳାଇ ଦେଇଥିଲେ। ଯାହାଫଳରେ ୨୦୨୦ ଡିସେମ୍ବରରେ କୋର୍ଟ ଆର୍‌ଆଇଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ। ସେହିପରି ୨୦୧୭ ଫେବୃୟାରୀରେ ଲାଞ୍ଚ ନେବା ବେଳେ ବିଦ୍ୟୁତ ବିଭାଗ ଆସିକା ଡିଭିଜନର ନିର୍ବାହୀ ଯନ୍ତ୍ରୀ ନିହାର ରଞ୍ଜନ ପ୍ରଧାନଙ୍କୁ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଗିରଫ କରିଥିଲା। ସେ ସମୟରେ ମଧ୍ୟ ମନୋଜ ସରକାରୀ ସାକ୍ଷୀ ଥିଲେ। ଗତ ଫେବୃୟାରୀ ୧୬ରେ ଭିଜିଲାନ୍ସ କୋର୍ଟରେ ସେ ଦେଇଥିବା ବୟାନରେ ତାଳମେଳ ରହି ନଥିଲା। ତେଣୁ ଅଭିଯୁକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ସରକାରୀ ସାକ୍ଷୀ ହୋଇ କାର୍ଯ୍ୟରେ ଅବହେଳା କରିବାରୁ ମନୋଜଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭିଜିଲାନ୍ସ ଏସ୍‌ପି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି କରିଥିଲେ। ମନୋଜଙ୍କୁ ଗାଲେରୀ ସିଏଚସିକୁ ଡେପୁଟେଶନରେ ପଠାଯାଇଥିବା ଜିଲା ଜନ ସ୍ୱାସ୍ଥ୍ୟଧିକାରୀ ଡ. ଉମାଶଙ୍କର ମିଶ୍ର କହିଛନ୍ତି।

## ଭାଜପାର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୬।୧୦(ନରସିଂହ ସାହୁ)

ବ୍ରହ୍ମପୁର ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଗୁରୁବାର ଆରମ୍ଭ ହୋଇଛି। ମହାନଗରର ପ୍ରମୁଖ ସ୍ଥାନ ଗାନ୍ଧୀ ନଗର ଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଏହାକୁ ଆରମ୍ଭ କରିଥିଲେ। ଶତାଧିକ କର୍ମୀ ଓ ନେତା ଶୋଭାଯାତ୍ରାରେ ଅନେକ ଅଞ୍ଚଳ ପରିକ୍ରମା କରିଥିଲେ। ଅମୃତ ବାଟିକା ନିମନ୍ତେ ବିଭିନ୍ନ ସ୍ଥାନରୁ ମାଟି ସଂଗ୍ରହ କରାଯାଇଥିଲା। ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମର ଗଞ୍ଜାମ ସାଙ୍ଗଠନିକ ଜିଲା ସଂଯୋଜକ ଡ଼ା. ସୁବାସ ସାହୁ, ଜିଲା ଉପସଭାପତି ସୁନୀଲ ସାହୁ, ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ସମ୍ପାଦକ ପ୍ରଦୀପ ଶତପଥୀ, କର୍ପୋରେଟର ଡି. କରୁଣାକର, ସବିତା ସାହୁ, ରଂଜିତା ବେହେରା, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଟୁଟୁନ ପାତ୍ରଙ୍କ ସମେତ ଗୋପିନାଥ ପଣ୍ଡା, ଭାବଗ୍ରାହି ପାଳ, ଟୁଙ୍ଗୁରୁ ପାତ୍ର, କୃଷ୍ଣଚନ୍ଦ୍ର ଚୌଧୁରୀ, ପ୍ରଫୁଲ୍ଲ ପାଣିଗ୍ରାହି, ସରୋଜ ପାତ୍ର, ଧର୍ମରାଜ ପାଣିଗ୍ରାହି, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀଙ୍କ ସମେତ ଏସ. ରାଣୀ, ପ୍ରେମଶୀଳା ନନ୍ଦ, ରବି ନାରାୟଣ ସାବତ, ମନୋଜ ପାଢ଼ୀ, ରବି ରାଓ, ମାଲି ସାହୁ ଓ ମନୋଜ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଉପସଭାପତି ରାମ କୁମାର ପାତ୍ର ସଂଯୋଜନା କରିଥିଲେ।



ବିଭିନ୍ନ ସ୍ଥାନରୁ ମାଟି ସଂଗ୍ରହ କରାଯାଉଛି।

## ଶିକାରୀଙ୍କ ବିଦ୍ୟୁତ୍ ତାର ନେଲା ଯୁବକଙ୍କ ଜୀବନ

କବିସୂର୍ଯ୍ୟନଗର,୨୬।୧୦(କୃପାସିନ୍ଧୁ ସ୍ୱାଇଁ)

ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ପୁରୁଷୋତ୍ତମପୁର ବ୍ଲକ ବଡଖରିଡା ପଞ୍ଚାୟତ ସୁବର୍ଣ୍ଣପଲ୍ଲୀ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି । ଗୁରୁବାର ପାହାନ୍ତିରୁ ଗ୍ରାମର ଦାମୋଦର ଭୂୟାଁ ସମ୍ପର୍କୀୟ ଭାଇଙ୍କ ସହ ମିଶି ଚାଷ ଜମିକୁ ପାଣି ମଡାଇବା ପାଇଁ ଯାଉଥିଲେ। ଜଣଙ୍କ ବିଲରେ ବାର୍‌ହା ଶିକାର ପାଇଁ ବୁଧବାର ରାତିରୁ ବିଦ୍ୟୁତ୍ ତାର ବିଛାଯାଇଥିବା ବେଳେ ଦେଖି ନ ପାରି ଦାମୋଦର ତାହା ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସମ୍ପର୍କୀୟ ଭାଇ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଗ୍ରାମବାସୀଙ୍କ ସହାୟତାରେ ଦାମୋଦରଙ୍କୁ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । କବିସୂର୍ଯ୍ୟନଗର ପୋଲିସ ଗ୍ରାମକୁ ଯାଇ ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି ।



ଶିବିରରେ ଉପସ୍ଥିତ ବସ୍ତି ବାସିନ୍ଦା ସଂଘର କର୍ମକର୍ତ୍ତା ବୃନ୍ଦ ।

## ବସ୍ତି ବାସିନ୍ଦା ସଂଘକୁ ଦକ୍ଷତା ବୃଦ୍ଧି ତାଲିମ

ବ୍ରହ୍ମପୁର,୨୬।୧୦(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ନୂତନ ସମ୍ମିଳନୀ କକ୍ଷରେ ଗୁରୁବାର ବସ୍ତି ବାସିନ୍ଦା ସଂଘ (ଏସଡିଏ)ଗୁଡିକର ଦ୍ୱିତୀୟ ପର୍ଯ୍ୟାୟ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମସି ମେୟର ସଂଘମିତ୍ରା ଦଳେଇ, କମିଶନର ଜେ ସୋନାଲ, ଅତିରିକ୍ତ କମିଶନର ରମେଶ ହାଂସଦା, ଡେପୁଟି କମିଶନର ବିନୋଦ କୁମାର ବେହେରା, ବିଏମସି ନୋଡାଲ ସିଇଓ ଗୀତାଞ୍ଜଳୀ ସାମନ୍ତରାୟ ଓ ସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସହରର ବସ୍ତି ବାସିନ୍ଦାଙ୍କୁ ଥଇଥାନ କରି ବିଜୁ ଆଦର୍ଶ କଲୋନୀରେ ନାମକରଣ କରିବା ସହ ମହିଳାଙ୍କୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମେୟର କହିଥିଲେ। ଶିବିରରେ ମହାନଗରର ୧୬୮ଟି ବସ୍ତି ବାସିନ୍ଦା ସଂଘ ମଧ୍ୟରୁ ୧୫ଟି ବସ୍ତି ବାସିନ୍ଦା ସଂଘର ସଭାପତି, ସଂପାଦକ ଓ କୋଷାଧ୍ୟକ୍ଷ ଯୋଗ ଦେଇଥିଲେ। ବସ୍ତିରେ ଷ୍ଟ୍ରିଟ ଲାଇଟ, ରାସ୍ତା ଓ ଡ୍ରେନ ଆଦି ସମସ୍ୟା ଗୁଡିକର କିଭଳି ସମାଧାନ କରିବେ ସେ ନେଇ ଶିବିରରେ ତାଲିମ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଇଓ କବିତା ରାଣୀ ପାତ୍ର, ସୌମ୍ୟା ସବିତା ନାୟକ, ସୁମନ ରାଣୀ ତ୍ରିପାଠୀ, ଶିବାନୀ ଦାଶ, ଅମ୍ରିତା ବିଶୋୟୀ ଓ ଜୟଶ୍ରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଗତ ୨୭ ତାରିଖରୁ ବିଏମସି ପକ୍ଷରୁ ଆରମ୍ଭ ହୋଇଛି। ଆସନ୍ତା ୩୧ ତାରିଖରେ ଅନ୍ୟ ୧୬ଟି ବସ୍ତି ବାସିନ୍ଦା ସଂଘକୁ ନେଇ ଦକ୍ଷତା ବୃଦ୍ଧି ତାଲିମ ଦିଆଯିବ ବୋଲି ସୂଚନା ମିଳିଛି।

## କ୍ଷମତାଶାଳୀ ବିଜେଡି ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା

### ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ

### ■ଗୋପାଳପୁରରୁ ଲଢ଼ିପାରନ୍ତି ବ୍ରହ୍ମପୁର ବିଧାୟକ

ବ୍ରହ୍ମପୁର,୨୬।୧୦(ନରସିଂହ ସାହୁ)

ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଜେଡି ସଂଗଠନ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ଏମପି ମାନସ ରଞ୍ଜନ ମଙ୍ଗରାଜ ଗତ ୧୧ ତାରିଖରେ ବ୍ରହ୍ମପୁର ମହାନଗର ନିଗମର ୪୨ନଂ ୱାର୍ଡ ଅନ୍ତର୍ଗତ ଆମ୍ବପୁଆ ଠାରେ ଅନୁଷ୍ଠିତ ଗୋପାଳପୁର ଅଞ୍ଚଳର ଦଳୀୟ କର୍ମୀ ସମ୍ମିଳନୀରେ ଏହି ଘୋଷଣା କରିଥିଲେ। ଆମ୍ବପୁଆ ଗୋପାଳପୁର ବିଧାନସଭା କ୍ଷେତ୍ର। ସୂଚନାଯୋଗ୍ୟ, ସେଠାରୁ ୨୦୦୯ରୁ ୨୦୧୯ ମଧ୍ୟରେ ହୋଇଥିବା ୩ ନିର୍ବାଚନରେ ଲଗାତର ବିଜେଡିରୁ ଜିତି ବିଧାୟକ ହୋଇଥିବା ପ୍ରଦୀପ ପାଣିଗ୍ରାହୀ ୨୦୨୦ ଡିସେମ୍ବରରୁ ଦଳରୁ ବିତାଡ଼ିତ ହୋଇଛନ୍ତି।

କିଛି ମାସ ଗୋପାଳପୁର ବିଜେଡି ସଂଗଠନ ଦାୟିତ୍ୱ ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଦିଆଯାଇଥିଲା। ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନିଜେ ସମ୍ଭାଳିବାର ଦଳ ପକ୍ଷରୁ ଘୋଷଣା କରାଗଲା। ପରବର୍ତ୍ତି ପର୍ଯ୍ୟାୟରେ ଅବସରପ୍ରାପ୍ତ ଓଏଏସ୍ ଅଧିକାରୀ ତଥା ମୁଖ୍ୟମନ୍ତ୍ରୀଙ୍କ ନବୀନ ନିବାସ କାର୍ଯ୍ୟାଳୟର ଅଫିସର ଗୋପବନ୍ଧୁ ଦାସଙ୍କୁ ରାଜନୈତିକ ସଚିବ ଭାବେ ଅବସ୍ଥାପିତ କରି ତାଙ୍କୁ ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଜେଡି ଦାୟିତ୍ୱ ଦିଆଗଲା। ସେ ଅଢ଼େଇ ବର୍ଷରୁ ଅଧିକ ସମୟ ଶଙ୍ଖ ଦଳ ଦାୟିତ୍ୱ ତୁଲାଇଥିଲେ। ଉନ୍ନୟନ କାର୍ଯ୍ୟ ତଦାରଖ ସହ ଅଞ୍ଚଳବାସୀଙ୍କ ସମସ୍ୟା ତଦାରଖ କରୁଥିଲେ। ହଠାତ୍ ଗତ ୧୧ ତାରିଖରେ ତାଙ୍କ ପରିବର୍ତ୍ତେ ବିକ୍ରମଙ୍କୁ ପ୍ରୋଜେକ୍ଟ କରାଯାଇଛି। ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ବିକ୍ରମ ମଧ୍ୟ ଗୋପାଳପୁର ବିଧାନସଭା କ୍ଷେତ୍ରରେ ଘାଇଁ ଘାଇ ବୁଲୁଛନ୍ତି।

ଆଗାମୀ ନିର୍ବାଚନରେ ଗୋପାଳପୁରରେ ବିକ୍ରମ ବିଜେଡି ପ୍ରାର୍ଥୀ ହେବାର ଚର୍ଚ୍ଚା ଜୋର ଧରିଛି। ସବୁଠି ଏହାକୁ ନେଇ ଆଲୋଚନା ଚାଲିଛି। ଏବେ ପ୍ରଶ୍ନ ଉଠୁଛି ପଣ୍ଡା ଯଦି ଗୋପାଳପୁର ନିର୍ବାଚନ ଲଢ଼ିବେ ତେବେ ବ୍ରହ୍ମପୁରରୁ କିଏ ହେବେ ବିଜେଡି ପ୍ରାର୍ଥୀ। ମହାନଗର ୪୨ ୱାର୍ଡ ମଧ୍ୟରୁ ୩୬ଟିକୁ ନେଇ ଗଠନ ହୋଇଛି ବିଧାନସଭା ନିର୍ବାଚନ ମଣ୍ଡଳୀ। ଗୋଟିଏ ବି ଗ୍ରାମାଞ୍ଚଳ ନଥିବାରୁ ଏହା ସୁବିଧା ଜନକ ଆସନ ହୋଇଛି। ତେଣୁ ଏଠାରୁ କ୍ଷମତାଶାଳୀ ବ୍ୟକ୍ତି ବିଜେଡି ପ୍ରାର୍ଥୀ ହେବାର କର୍ମୀ ମହଲରେ ଆଲୋଚନା ହେଉଛି। ତେବେ ଏହି କ୍ଷମତାଶାଳୀ କିଏ ତାହା ରହସ୍ୟ ଘେରରେ ରହିଯାଇଛି। କର୍ମୀ, ନେତା ଓ ରାଜନୀତି ବିଶ୍ଳେଷକ ମୁଖ୍ୟମନ୍ତ୍ରୀ ନବୀନ ନିର୍ବାଚନ ଲଢ଼ିବାର ଅନୁମାନ କରୁଛନ୍ତି। ଅନ୍ୟପକ୍ଷରେ ବ୍ରହ୍ମପୁର ବିକାଶ ପାଇଁ ସରକାର ଗୋଟିଏ ପରେ ଗୋଟିଏ ଯୋଜନା ଘୋଷଣା କରୁଛନ୍ତି। ଉନ୍ନୟନ କାର୍ଯ୍ୟ ଏମପି, ବିଧାୟକ, ମେୟର, ଡେପୁଟି ମେୟର ଓ ଦଳର କର୍ପୋରେଟରମାନେ ତଦାରଖ କରୁଛନ୍ତି। ପ୍ରଶାସନ ପକ୍ଷରୁ ମଧ୍ୟ ଜିଲାପାଳ ଓ ଅନ୍ୟ ଅଧିକାରୀ ୱାର୍ଡଗୁଡ଼ିକ ବୁଲି ଲୋକଙ୍କ ସମସ୍ୟା ଅନୁଧ୍ୟାନ କରୁଛନ୍ତି। ତେଣୁ ନବୀନ ହିଁ ନିର୍ବାଚନ ଲଢ଼ିବା ସମ୍ଭାବନା ଅଧିକ ଥିବା ବିଭିନ୍ନ ମହଲରେ ଚର୍ଚ୍ଚା କରୁଛନ୍ତି।

ଆଲୋଚନା ପ୍ରସଙ୍ଗରେ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି ଯଦି ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ବିଧାନସଭା ନିର୍ବାଚନ ଲଢ଼ିବେ ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ହେବ। ମହାନଗର ବିକାଶ ଆହୁରି ଅଧିକ ହେବ। ଦଳ ପକ୍ଷରୁ ଘୋଷଣା କରାଗଲେ ରେଶମ ନଗରବାସୀ ଉତ୍ସାହିତ ହେବାର ଜିଲା ସଭାପତି ସୂଚାଇଛନ୍ତି। ୨୦୦୦ରୁ ୧୯ ମଧ୍ୟରେ ୫ ଥର ହିଞ୍ଜିଳି ଆସନରୁ ବିଧାୟକ ହୋଇ ୫ମ ପାଳି ମୁଖ୍ୟମନ୍ତ୍ରୀ ହୋଇଥିବା ନବୀନ ଯଦି ବ୍ରହ୍ମପୁରକୁ କ୍ଷେତ୍ର କରିବେ ତେବେ ହିଞ୍ଜିଳିରୁ ଜଣେ ପ୍ରଭାବଶାଳୀ ମହିଳା ବିଜେଡିରୁ ଲଢ଼ିପାରନ୍ତି ବୋଲି ଆଉ ଏକ ଚର୍ଚ୍ଚା ମଧ୍ୟ ହେଉଛି। ଦଳ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣାକୁ ସବୁ ମହଲରେ ଅପେକ୍ଷା କରାଯାଇଛି।

# ସଂକ୍ଷେପରେ

## ଜୁଆ ଆଡ୍ଡାରେ ଚଢ଼ାଉ, ୧୭ ଗିରଫ

ପାରଳାଖେମୁଣ୍ଡି, ୨୬।୧୦ (ଗିରିଧାରୀ ପରିଚ୍ଛା): ପାରଳାଖେମୁଣ୍ଡି ସହରର ଚାଲିଥିବା ୪ଟି ଜୁଆ ଆଡ୍ଡା ଉପରେ ଆଦର୍ଶ ଥାନା ପକ୍ଷରୁ ଅତର୍କିତ ଚଡଉ କରାଯାଇ ୧୭ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୪୨ହଜାର ୯୦୦ଟଙ୍କା ଜବତ କରାଯାଇଛି। ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ କୁମାର ପୂର୍ଣ୍ଣିମା ପାଖେଇ ଆସୁଥିବାରୁ ସହରର ବିଭିନ୍ନ ଅଞ୍ଚଳରେ ଜୁଆ ଖେଳ ଚାଲୁ ରହିଥିବା ବେଳେ ଆଦର୍ଶ ଥାନା ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି।

## ୨୧ ନିଶାସକ୍ତ ଚାଳକ ଗିରଫ

ଛତ୍ରପୁର, ୨୬।୧୦ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ): ନିଶାସକ୍ତ ହୋଇ ଗାଡି ଚଲାଉଥିବା ବ୍ୟକ୍ତିଙ୍କ ଉପରେ ଗଞ୍ଜାମ ପୋଲିସ ପକ୍ଷରୁ କଡା ନଜର ରଖାଯାଇଛି। ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚଢାଉ କରି ୨୧ଜଣ ଗାଡ଼ିଚାଳକଙ୍କୁ ଗିରଫ କରିଛି। ରମ୍ଭା, ଖଲ୍ଲିକୋଟ, ପୁରୁଷୋତ୍ତମପୁର, କୋଦଳା, ପୋଲସରା, ଆସିକା, କୋଟିନାଡା, ଶେରଗଡ ଓ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇଥିଲା ।

## କାର୍-ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ଗଞ୍ଜାମ/ଛତ୍ରପୁର, ୨୬।୧୦ (ଦିଲ୍ଲୀପ ସାମଲ/ବିଦ୍ୟାଧର ସାହୁ): ଗଞ୍ଜାମ ଥାନା ସମ୍ମୁଖ ବିଞ୍ଝଣାପଲି ଛକ ୧୬ ନମ୍ବର ଜାତୀୟ ରାଜପଥରେ ଏକ କାର ଓ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଅଗସ୍ତି ନୂଆଗାଁର ବିଶ୍ୱନାଥ ନାୟକ। ଆହତ ଦ୍ୱୟ ହେଲେ ଶିବରାମ ସ୍ୱାଇଁ ଓ ହରି ନାହାକ। ବିଶ୍ୱନାଥ ଓ ଶିବରାମଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବିଶ୍ୱନାଥଙ୍କ ମୃତ୍ୟୁ ଘଟିଥିଲା।

# ବିଏମ୍‌ସିରେ ମିଶିବ ୬୨ ରାଜସ୍ୱ ମୌଜା ସହରତଳି ଅଞ୍ଚଳ

### ୪ ସପ୍ତାହରେ ପଦକ୍ଷେପ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଛତ୍ରପୁର, ୨୬।୧୦ (ସନ୍ତୋଷ ପାଢୀ): ଗଞ୍ଜାମ ଜିଲାର ବ୍ରହ୍ମପୁର ମହାନଗର ନିଗମରେ ୬୨ ରାଜସ୍ୱ ମୌଜାରେ ଗଠିତ ସହରତଳି ଅଞ୍ଚଳକୁ ସାମିଲ ହେବା ନେଇ ଆଶା ଦେଖାଦେଇଛି । ଏ ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦାଖଲ ପିଟିଶନର ଶୁଣାଣି କରି ଆସନ୍ତା ୪ ସପ୍ତାହ ମଧ୍ୟରେ ବ୍ରହ୍ମପୁର ମହାନଗର ନିଗମ (ବିଏମସି)ରେ ଉକ୍ତ ସହରତଳି ଅଞ୍ଚଳକୁ ସାମିଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତ। ହାଇକୋର୍ଟର ଆକ୍ଟିଂ ମୁଖ୍ୟ ବିଚାରପତି ଡ. ବି.ଆର୍. ଷଡଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀରମଣ ଏହି ରାୟ ପ୍ରକାଶ କରିଛନ୍ତି। ଗୁରୁବାର ଏ ସମ୍ପର୍କରେ ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଏକ ପ୍ରେସ ବିଜ୍ଞପ୍ତିରେ ଏଠାରେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବ୍ରହ୍ମପୁରର ଚର୍ତୁଦିଗରେ ଅବସ୍ଥିତ ୬୨ଟି ରାଜସ୍ୱ ମୌଜାରେ ସହରାଞ୍ଚଳ ସୃଷ୍ଟି ହୋଇ ଲକ୍ଷାଧିକ ଲୋକ ବସବାସ କରୁଛନ୍ତି । ଉକ୍ତ ଅଞ୍ଚଳଗୁଡିକ ଗ୍ରାମପଞ୍ଚାୟତ ଦ୍ୱାରା ପରିଚାଳିତ ହେଉଛି। ସ୍ୱଳ୍ପ ପାଣ୍ଠି ଯୋଗୁଁ ୬୨ ମୌଜାରେ ଗଠିତ ନୂତନ ସହରର ମୌଳିକ ଆବଶ୍ୟକ ଯଥା ରାସ୍ତା, ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟ, ଆଲୋକୀକରଣ ଓ ଶିକ୍ଷା ଭଳି ମୌଳିକ ଆବଶ୍ୟକ ପୂରଣ ହେଉନଥିବା ଯୋଗୁଁ ବିଭିନ୍ନ ସମସ୍ୟାରେ ଲୋକ ରହୁଛନ୍ତି। ଏଥିଲାଗି ବ୍ରହ୍ମପୁର ମହାନଗର ନିଗମରେ ୬୨ ରାଜସ୍ୱ ମୌଜାରେ ଗଠିତ ସହରିତଳ ଅଞ୍ଚଳକୁ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ନଂ-ଡବ୍ଲ୍ୟୁପିସି -୯୬୮୩) ଭାରତୀୟ ବିକାଶ ପରିଷଦ ପକ୍ଷରୁ ୨୦୧୯ରେ ରୁଜୁ କରାଯାଇଥିଲା। ହାଇକୋର୍ଟର ମୁଖ୍ୟ ନ୍ୟାୟାଧିଶଙ୍କ ବେଞ୍ଚ ୨୦୧୯ ମେ ୨୯ରେ ଶୁଣାଣି କରିଥିଲେ। ୬ ସପ୍ତାହ ମଧ୍ୟରେ ଉକ୍ତ ସହରତଳି ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନିଗମରେ ଅନ୍ତର୍ଭୁକ୍ତ କରିବାକୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ରାଜ୍ୟ ସରକାର ନିର୍ଦ୍ଧାରିତ ସମୟରେ ଏହା ଉପରେ ପଦକ୍ଷେପ ନନେବାରୁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏକ ଅଦାଲତ ଅବମାନନା ମାମଲା (ନଂ-୮୪/୨୦) ହାଇକୋର୍ଟରେ ରୁଜୁ କରାଯାଇଥିଲା। ପରେ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶ କ୍ରମେ ତତ୍କାଳୀନ ଜିଲାପାଳ ୬୨ ରାଜସ୍ୱ ଗ୍ରାମକୁ ବ୍ରହ୍ମପୁର ମହାନଗର ନିଗମରେ ଅର୍ନ୍ତଭୁକ୍ତ କରିବାକୁ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପଠାଇଥିଲେ । କରୋନା ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରିନଥିଲା। ଏବେ ଏହାକୁ ୪ ସପ୍ତାହରେ କାର୍ଯ୍ୟକାରୀ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

# ବିଜେଡିର ପରିବାର ସମ୍ପର୍କ ପଦଯାତ୍ରା



ଆସିକା, ୨୬।୧୦ (ସୁରେନ୍ଦ୍ର ନାଥ ସାହୁ): ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖାରିଆ ପଞ୍ଚାୟତ ହୁମୁକି ଗ୍ରାମର ନଈସାହି କୋଠଘର ଗୁରୁବାର ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଆସିକା ଏମପି ପ୍ରମିଳା ବିଷୋୟୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଖାରିଆ ସରପଞ୍ଚ ଜୟନ୍ତୀ ସାହୁ, ସମିତି ସଭ୍ୟା ସୌଦାମିନି ନାହାକ, ଯୁବନେତା ଭଗବାନ ସାହୁ, ଅନିଲ କୁମାର ନାୟକ, ଦିଲୀପ କୁମାର ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ପରିଡା, ଅଭିମନ୍ୟୁ ନାହାକ, ମନୋଜ କୁମାର ଦୋରା, ରାଜେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବିଧାୟିକାଙ୍କ ହାତପାଣ୍ଠି ଓ ପଞ୍ଚାୟତ ଅନୁଦାନରେ ଏହି କୋଠ ଘର ନିର୍ମାଣ ହୋଇଛି । ଏହି ଅବସରରେ ବିଧାୟିକା ଓ ଏମପି କର୍ମୀଙ୍କ ଗହଣରେ ହୁମୁକି ଗ୍ରାମରେ ପରିବାର ସମ୍ପର୍କ ପଦଯାତ୍ରା କରିଥିଲେ । ବିଭିନ୍ନ ୱାର୍ଡ ପରିକ୍ରମା କରି ନବୀନ ସରକାରଙ୍କ ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିଥିଲେ।

## ଗଜପତିରେ ମା' କାଞ୍ଚି କାମାକ୍ଷୀଙ୍କ ପୂଜା

ପାରଳାଖେମୁଣ୍ଡି, ୨୬।୧୦ (ଗିରିଧାରୀ ପରିଚ୍ଛା) : ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମାଠିଆ ସାହିଠାରେ ମା' କାଞ୍ଚି କାମାକ୍ଷୀଙ୍କ ୧୫ତମ ପୂଜା ପାଳିତ ହେଉଛି। ଏହି ପୂଜା ଦଶହରା ଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ ଏବଂ ମା' କାମାକ୍ଷୀ ସ୍ୱର୍ଣ୍ଣକାରମାନଙ୍କ ଇଷ୍ଟଦେବୀ ଅଟନ୍ତି। ଏହା ମା' ଦୁର୍ଗାଙ୍କ ଅନ୍ୟ ଏକ ରୂପ ଭାବେ ବିବେଚନା କରାଯାଇଥାଏ। ତେବେ ପାରଳା ସହର ଏକ ଦ୍ୱିଭାଷୀ ସହର ଏବଂ ପ୍ରାୟତଃ ଦକ୍ଷିଣ ଭାରତର ସଂସ୍କୃତି ତଥା ପୂଜାର୍ଚ୍ଚନା ଗୁଡିକୁ ପାଳନ କରାଯାଇଥାଏ। ଦ୍ୱିଭାଷୀ ଅଞ୍ଚଳ ହେଲେ ମଧ୍ୟ ଏଠାରେ ଭାଇଚାରା ସମଭାବ ଦୃଷ୍ଟିସମ୍ପନ୍ନ ହୋଇଥିବାରୁ ଉଭୟ ଓଡିଆ ତେଲୁଗୁ ଲୋକେ ଏପରି ପୂଜାରେ ସାମିଲ ହୋଇଥାନ୍ତି। କାଞ୍ଚି କାମାକ୍ଷୀ ଦେବୀଙ୍କ ପୂଜା କଲେ ଧନ ଧାନ୍ୟ ମିଳିବା ସହ ବାଣିଜ୍ୟ ବେପାରରେ ଉନ୍ନତି, ଦୁଃଖ କଷ୍ଟ ଦୂର ହେବା ସହ ଜନ ମଙ୍ଗଳ ହୋଇଥାଏ ବୋଲି ପୂଜା କମିଟି ସଦସ୍ୟ କେ ରବି କୁମାର, ସାଇ କୁମାର ପ୍ରମୁଖ କହିଛନ୍ତି।

# ଅବସରପ୍ରାପ୍ତ ହାବିଲଦାରଙ୍କ ମୃତଦେହ ଜବତ

ଫୁଲବାଣୀ, ୨୬।୧୦ (ରାକେଶ କୁମାର ରାଉତ): ଫୁଲବାଣୀ ସଦର ଥାନା ଅନ୍ତର୍ଗତ ରୁଜାଙ୍ଗି ଅଞ୍ଚଳରେ ଜଣେ ଅବସର ପ୍ରାପ୍ତ ହାବିଲଦାରଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରାଯାଇଛି। ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ଜଣକ ହେଲେ ରୁଜାଙ୍ଗି ଗ୍ରାମର ପୀତବାସ ଦିଗାଲ (୬୧)।

ପୀତବାସ ଗତବର୍ଷ ହାବିଲଦାର ଭାବେ ପୋଲିସ ଚାକିରୀରୁ ଅବସର ନେଇଥିଲେ। ସେ ବୁଧବାର ଦଶହରା ଯାତ୍ରା ଦେଖିବାକୁ ଯାଇ ଘରକୁ ଫେରିଥିଲେ। ଘରେ ପୁଅ ସହିତ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ମନାନ୍ତର ହୋଇଥିଲା। ଏହାପରେ ପୀତବାସ ଦିନ ପ୍ରାୟ ଗୋଟାଏ ବେଳେ ଘରୁ ଚାଲି ଯାଇ ଆଉ ଫେରି ନ ଥିଲେ। ଘରଲୋକେ ଖୋଜାଖୋଜି କରି ନ ପାଇବାରୁ ସଦର ଥାନାରେ ଏତଲା ଦେଇଥିଲେ। ଗୁରୁବାର ଗାଁ ନିକଟସ୍ଥ ଜଙ୍ଗଲର ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ଓ ଡଗ ସ୍କ୍ୱାଡ ପହଞ୍ଚି ଛାନବିନ କରିଛି। ମୃତକଙ୍କ ସ୍ତ୍ରୀ ପ୍ରେମଶୀଳାଙ୍କ ଏତାଲା କ୍ରମେ ଥାନାରେ ପୋଲିସ ନଂ.୧୭୩/୨୩ରେ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକା ଶୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣା ପଡିବ ବୋଲି ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ କହିଛନ୍ତି।

# ଶ୍ୟାମାକାଳୀ ପୂଜା ଉପଲକ୍ଷେ ଶୁଭ ଖୁଣ୍ଟି ସ୍ଥାପନ



ବୁଗୁଡା, ୨୬।୧୦ (କାଳି ଚରଣ ଦାଶ): ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମରେ ପବିତ୍ର ଦୀପାବଳି ଉତ୍ସବ ଅବସରରେ ମା ଶ୍ୟାମାକାଳୀଙ୍କ ପୂଜା ଉପଲକ୍ଷେ ତେଲୁଗୁ ସାହି ଅସ୍ଥାୟୀ ପୂଜା ମଣ୍ଡପଠାରେ ଶୁଭ ଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲଙ୍ଗଳେଶ୍ୱର ପାଠାଗାର ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଗୋଦାବରୀଶ ହୋତା ଯୋଗ ଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିବା ବେଳେ କୃଷ୍ଣ ଚନ୍ଦ୍ର ସାହୁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପାଠାଗାର ସଭାପତି ଶିବ ଶଙ୍କର ମହାପାତ୍ର ଓ ସମ୍ପାଦକ ମାନସ ରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟ ସଦସ୍ୟମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ।



